# ତାତିଲେ କାଳବୈଶାଖୀ କ୍ଷତିଗ୍ରସ୍ତ

- ୩ ଦିନ ପରେ ବି ପହଞ୍ଚିନି ପ୍ରଶାସନ
- ରାସ୍ତାରେ ଗଛ ରଖି ଅବରୋଧ
- ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ
- ସମର୍ଥନ କଲା କଂଗ୍ରେସ
- ୭ ଦିନରେ ସମାଧାନ ନ ହେଲେ ଆନ୍ଦୋଳନ





ପାଟଣାଗଡ଼, ୮ ।୪ (ସମିସ)

କୁଆପଥର ମାଡ଼ ସହ କଳାବୈଶାଖୀ ପ୍ରଭାବରେ ପାଟଣାଗଡ଼ ବ୍ଲକର ବିଭିନ୍ନ ଗାଁରେ ବହୁ ପରିମାଣରେ କ୍ଷୟକ୍ଷତି ହୋଇଛି। ସୋମବାରଠାରୁ ଲୋକେ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ପ୍ରଶାସନ ଏ ପର୍ଯ୍ୟନ୍ତ ଗାଁଗୁଡିକୁ ପହଁଞ୍ଚିନାହିଁ। ଏହାର ପ୍ରତିବାଦରେ ବୁଧବାର ପାଟଣାଗଡ଼ ବ୍ଲକର ଠକପଡ଼ା, ଯୁଗୀମୁଣ୍ଡା, ପଣ୍ଡାମୁଣ୍ଡା ପଞ୍ଚାୟତର କ୍ଷତିଗ୍ରସ୍ତ ଲୋକେ ପାଟଣାଗଡ଼-ଖପ୍ରାଖୋଲ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସେହିଭଳି କେରବେଡା ସରପଞ୍ଚଙ୍କ ନେତୃତ୍ୱରେ ବାଞ୍ଜିଝାଳ ଗାଁ ବାସୀ ପାଟଣାଗଡ଼-ପଦ୍ମପୁର ମୁଖ୍ୟ ରାସ୍ତା ଉପରେ ଗଛ ରଖି ଅବରୋଧ କରିଥିଲେ। ସୋମବାର କୁଆପଥର ମାଡ଼ ଯୋଗୁଁ ଫସଲ ନଷ୍ଟ ସହ ଘରଗୁଡିକର ଆଜବେଷ୍ଟର ଓ ଛପର ନଷ୍ଟ ହୋଇଯାଇଛି। ୩ ଦିନ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ କ୍ଷତିଗ୍ରସ୍ତ ଗାଁ ଗୁଡିକୁ ପହଞ୍ଚିନି। ଏହାଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ଏଭଳି ନୀତିକୁ ସେମାନେ ବିରୋଧ କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ବଣ୍ଟନ ସହ କ୍ଷତି ହୋଇଥିବା ଫସଲର ଯାଞ୍ଚ କରାଯାଇ ଉଚିତ କ୍ଷତିପୂରଣ ସାଙ୍ଗକୁ ଘର ଭାଙ୍ଗିଥିବା ପରିବାରଙ୍କୁ ନୂତନ ଘର ନିର୍ମାଣ ପାଇଁ ଆଦେଶନାମା ପ୍ରଦାନ କରାଯାଉ। କେରବେଡା ଗାଁ ଓ ବାଞ୍ଜିଝାଳରେ ଦୁଇ ଶହ ପରିବାରଙ୍କ ଘର କ୍ଷତିଗ୍ରସ୍ତ ହୋଇଥିବା ସରପଞ୍ଚ ସୂଚନା ଦେଇଛନ୍ତି। ସେପଟେ ଠକପଡ଼ା, ଯୋଗିମୁଣ୍ଡା ଓ ପଣ୍ଡାମୁଣ୍ଡା ପଞ୍ଚାୟତରେ ପ୍ରାୟତଃ ଦେଢ଼ ଶହ ଲୋକଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ତେବେ ମୁଖ୍ୟ ରାସ୍ତା ଅବରୋଧ ହୋଇଥିବାରୁ ୨ ଘଣ୍ଟା ଧରି ରାସ୍ତାର ଉଭୟ ପଟେ ଯାନବାହାନ ଯିବାଆସିବା କରି ପାରି ନ ଥିଲା। ଏହାଫଳରେ ଲୋକେ ବହୁତ ଅସୁବିଧା ଭୋଗିଥିଲେ। ପାଟଣାଗଡ଼ରୁ ପଦ୍ମପୁର ଓ ଖପ୍ରାଖୋଲ ଯିବା ରାସ୍ତା ୫ ଘଣ୍ଟା ପାଇଁ ବନ୍ଦ ହୋଇଯାଇଥିଲା। ପାଟଣାଗଡ଼ ବିଡ଼ିଓ ସୁମନ ମିଞ୍ଜ ଓ ତହସିଲଦାର ରୁଦ୍ର ମୋହନ ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ବଣ୍ଟନ କରାଯିବା ସହ କ୍ଷତି ହୋଇଥିବା ଫସଲର ଯାଞ୍ଚ କରାଯିବ ବୋଲି ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ଏହି ଆନ୍ଦୋଳନ କୁ ସମର୍ଥନ ଜଣାଇ କଂଗ୍ରେସ ଜିଲ୍ଲା ସଭାପତି ଅନିଲ ମେହେର, ଉପସଭାପତି ଅଜିତ ପୁରୋହିତ, ଜିଲ୍ଲା କିଷାନ ସେଲ ଅଧ୍ୟକ୍ଷ ପତିତପାବନ ପଧାନ ପ୍ରମୁଖ ପହଞ୍ଚି ଉପସ୍ଥିତ ଅଧିକାରୀଙ୍କ ଶହ ଆଲୋଚନା କରିଥିଲେ। ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ କଂଗ୍ରେସ ତରଫରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଜୈବିକ ସାର ଉତ୍ପାଦ ଓ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଦେଓଗାଁ, ୮।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜୈବିକ ସାର ଉତ୍ପାଦ ଓ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ମାଁ ଅମ୍ବିକା ସ୍ୱୟଂ ସହାୟକ ଦଳ ଆୟୋଜନରେ ବୁଧବାର ଅପରାହ୍ନରେ ଏହି କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପଦ୍ମିନୀ ମିଶ୍ର, ସମ୍ମାନୀତ



ଅତିଥି ଭାବେ ଏଫଇଏସର ଜିଲ୍ଲା ସଂଯୋଜକ ସୁଜିତ ଶତପଥୀ ଯୋଗଦେଇ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକୁରିଟ (ଏଫ ଇଏସ)ର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀଙ୍କ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ରାସାୟନିକ ସାର ଓ କୀଟନାଶକ ଔଷଧ ବହୁଳ ମାତ୍ରାରେ ବ୍ୟବହାର ଯୋଗୁଁ ମାଟିରେ ପୋଷକତତ୍ୱ ହ୍ରାସପାଉଛି। ଏହାଫଳରେ ଅମଳ ମଧ୍ୟ ହ୍ରାସ ପାଇବା ସହ ପାଣି ପବନ ଦୂଷିତ ହେବାରେ ଲାଗିଛି। ସମାଜରେ ବିଭିନ୍ନ ରୋଗ ବୃଦ୍ଧି ପାଉଛି। ଏଣୁ ପରିବେଶକୁ ସନ୍ତୁଳିତ କରିବା ପାଇଁ ଜୈବିକ ପଦ୍ଧତିରେ ଅବା ପ୍ରାକୃତିକ ଉପାୟରେ କୃଷି ପ୍ରତି ଚାଷୀମାନେ ଆଗ୍ରହୀ ହେବା ନିତାନ୍ତ ଜରୁରୀ ବୋଲି ଅତିଥି ମାନେ ଗୁରୁତ୍ୱାରୋପ କରିଥିଲେ। ମାଁ ଅମ୍ବିକା ସ୍ୱୟଂ ସହାୟକ ଦଳ ଜୈବିକ ପଦ୍ଧତିରେ ଜୀବାମୃତ, ନିମ୍ବ ଗୋମୂତ୍ର ଅର୍କ, ମିଶ୍ରିତ ପତ୍ରର ଅର୍କ, ଲଙ୍କା ରସୁଣ ଅର୍କ ଆଦି ପ୍ରସ୍ତୁତ କରି ଚାଷୀଙ୍କୁ ସୁଲଭ ମୂଲ୍ୟରେ ବିକ୍ରି କରୁଥିବା ବେଳେ ଅନେକ ଚାଷୀ ଏହି ଅର୍କଗୁଡିକୁ ବ୍ୟବହାର କରି ସୁଫଳ ପାଇଥିବା ପ୍ରକାଶ କରିଥିଲେ। ପ୍ରତି ପଞ୍ଚାୟତରେ ଏହି କେନ୍ଦ୍ର ଖୋଲାଗଲେ ଚାଷୀ ଉପକୃତ ହୋଇପାରିବେ ବୋଲି ସରପଞ୍ଚ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ କୃଷକ ସାଥି ନିରଞ୍ଜନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସିଆରପି ତଥା କୃଷିସଖି ଅନୁସୂୟା ଛତ୍ରିଆ, ଲକ୍ଷ୍ମୀ ପୁଟେଲ, ଡୁମେରପିଟା ପଞ୍ଚାୟତର କୃଷିସଖି ଜୟନ୍ତୀ ପଟେଲ, ନମିତା ଜଗଦଳା ପ୍ରମୁଖ ସହଯୋଗ କରିଥିଲେ। ଏସଏଚଜି ସଦସ୍ୟା ଓ ଅଗ୍ରଣୀ ଚାଷୀମାନେ ଉପସ୍ଥିତ ଥିଲେ।

## ବନଦୁର୍ଗା ମହୋତ୍ସବ ଉଦ୍‌ଘାଟିତ



ବଲାଙ୍ଗିର, ୮ ।୪(ସମିସ): ଲୋୟର ସୁକତେଲ ଡ୍ୟାମ୍ ଅଞ୍ଚଳରେ ବନଦୁର୍ଗା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମୁଖ୍ୟଯନ୍ତ୍ରୀ ବେଲାର ସିଂ ଭୋଇ, ତ୍ରିଲୋଚନ ମହାପାତ୍ର, ସାନ୍ତନୁ ସିଂ ଯୋଗ ଦେଇଥିଲେ। ସରପଞ୍ଚ ସଞ୍ଜୟ ଗଡ଼ତ୍ୟା ସଭାପତିତ୍ୱ କରିଥିଲା ବେଳେ ବିକାଶ ରଞ୍ଜନ ରଥ ସଭା ସଂଯୋଜନା କରିଥିଲେ। ସାନନ୍ଦ ସିକା ଓ ସାଥୀଙ୍କ ଲୋକନୃତ୍ୟ, ତହକ ପରିବାର ଦ୍ୱାରା କୋଶଲି କବିତା ଆସର ଏବଂ ଅନିଲ ନାଏକ ଏବଂ ସାଥୀଙ୍କ ଦ୍ୱାରା କଂସ ଦରବାର ଆୟୋଜିତ ହୋଇଥିଲା। କୈଳାସ ଚନ୍ଦ୍ର ସିଂଦେଓ, ଅଜୟ ଗଡ଼ତ୍ୟା, ବ୍ୟାସଦେବ ବନଛୋର, ପ୍ରମୋଦ ପଟେଲ, ଭରତ ସାହୁ, ନରେନ୍ଦ୍ର ବିଶି, ଜୟକୃଷ୍ଣ ମିଶ୍ର ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ଖଦ୍ୟୋତ ତରଫରୁ ପୁରସ୍କାର ବିତରଣ ଉତ୍ସବ



ବଲାଙ୍ଗିର, ୮ ।୪(ସମିସ): ମାଲପଡ଼ାସ୍ଥିତ ଖଦ୍ୟୋତ ଅନୁଷ୍ଠାନ ତରଫରୁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ତରୁଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ଉପସଭାପତି ଡ. ରବିଚନ୍ଦ୍ର ପଶାୟତ ନିକଟରେ ମାୟାବର୍ହା ଉଚ୍ଚ ବିଦ୍ୟାଳରୁ ଅବସର ନେଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଆକୁଳ ବେହେରା ଗତ ବୈଠକ ର ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଞ୍ଚାନନ ସେଠ ଅତିଥି ଭାବେ ଯୋଗ ଦେଇଥିଲେ। ନୈତିକ ନୟନ ଦାଶ, ଯସରାଜ ବିନ, ଦିୟାଂଶି ମହାନ୍ତି, ସ୍ୱିକୃତି ମିଶ୍ର, ସମର୍ପିତା ବାରିକ, ଅନିମେଶ ମହାନ୍ତି, ଦେବାସ୍ମିତା ନାଏକ, ସାଇକୃଷ୍ଣ ମହାନ୍ତି, ସ୍ୱନ୍ଦିତା ରଥ, ମଧୁସ୍ମିତା କର୍ଣ୍ଣ, ଅଧ୍ୟାପିକା ନିମ୍ରତା ପାଣିଗ୍ରାହୀ, ସବିତା ବାରିକ, ଗୀତାଞ୍ଜଳି ବିରତିଆ, ପଦ୍ମିନୀ ନାଏକ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇଟ ନର୍ସିଂ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବଲାଙ୍ଗିର, ୮ ।୪(ସମିସ): ସଦାଇପାଲି ପଲ୍ଲିଶ୍ରୀ ବିହାରସ୍ଥିତ ସାଇଟ ନର୍ସିଂ କଲେଜ ସଭାଗୃହରେ ରାମଜୀ ଯୁବକ ସଂଘ ତରଫରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ସଂଘର ସଭାପତି ଡା. ପ୍ରମୋଦ ମିଶ୍ର ସଭାପତିତ୍ୱ କରିଥିଲେ। ଭୀମ ଭୋଇ ମେଡିକାଲ କଲେଜର ନିଶ୍ଚେତକ ବିଭାଗର ଡା. ମନମୋହନ ବାଗ ମୁଖ୍ୟ ଅତିଥି



ଭାବେ ଯୋଗ ଦେଇଥିଲେ। ସାଇଟ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଓ ଅଧ୍ୟକ୍ଷା ସ୍ନିଗଧା ମିନତି ଦାନୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଜ୍ଞାପରମିତା ଚାନ୍ଦ ସଭା ପରିଚାଳନା କରିଥିଲେ। ସହ ଅଧ୍ୟକ୍ଷା ଲୋପାମୁଦ୍ରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଲକ୍ଷ୍ମୀ ମେହେରଙ୍କ ନିର୍ଦ୍ଦେଶନାରେ ସ୍ୱାସ୍ଥ୍ୟ ସଚେତନ ଉପରେ ଏକ ନାଟକ ମଞ୍ଚସ୍ଥ ହୋଇଥିଲା। ନର୍ସିଂ ଛାତ୍ରୀ ପ୍ରଜ୍ଞା ପଧାନ, ପଙ୍କଜିନୀ ବାରିକ, ମଧୁସ୍ମିତା ମାଝି, ଭାରତୀ ବିଭାର, ପ୍ରୀତି ମହାନନ୍ଦ, ସ୍ମୃତି ଛତ୍ରିଆ, ଜୁଲିଆନ ନାଗ, ଦୀପା ଦିପ, ମିତାଲି ଜେନା, କିଶୋରୀ ମହାନନ୍ଦ, ଅର୍ପିତା ସା, ନେହା ମାଝି, ମାନସୀ ମଲ୍ଲିକ, ସ୍ୱିଟି ରାଉତ, ସଞ୍ଜନା ମିଶ୍ର, ମହମ୍ମଦ କାଜିମ ପ୍ରମୁଖ ଅଭିନୟ କରିଥିଲେ।

## ଯୁବ ସଂଗଠକ ପ୍ରମୋଦ ସାହୁଙ୍କ ଦେହାନ୍ତ



ବଲାଙ୍ଗିର, ୮ ।୪(ସମିସ): ଟିକ୍ରାପଡ଼ା ଗାନ୍ଧୀ ପାଠାଗାର ବରିଷ୍ଠ ସଭ୍ୟ ତଥା ଯୁବ ସଂଗଠକ ପ୍ରମୋଦ ସାହୁ (୫୨)ଙ୍କ ଦେହାନ୍ତ ହୋଇଯାଇଛି। ଗତ କିଛି ଦିନ ହେଲା ହୃଦ୍‌ଜନିତ ରୋଗରେ ପୀଡିତ ରହି ବୁର୍ଲା ଭିମସାରରେ ଚିକିତ୍ସିତ ହେଉଥିଲେ। ୭ ତାରିଖ ସକାଳେ ତାଙ୍କ ଅବସ୍ଥା ଆହୁରି ଗୁରୁତର ହୋଇ ପଡ଼ିଥିଲା। ଏହି ଘଟଣା ପରେ ତାଙ୍କ ପତ୍ନୀ ଝରଣା ସାହୁ ଓ ଦୁଇ ପୁଅ ସାଗର ସଂଗମ ସାହୁ ଏବଂ ସ୍ୱସ୍ତିକ ସାଗର ସାହୁ ଭାଙ୍ଗି ପଡ଼ିଛନ୍ତି। ବାସଭବନରେ ମୃତଦେହ ପହଞ୍ଚିଲା ମାଁ, ଭାଇ ଭଉଣୀ, ଜ୍ୱାଇଁ, ଭଣଜା, ଭାଣିଜିଙ୍କ ସମେତ ବଲାଙ୍ଗିରର ଅନେକ ନେତା, କର୍ମୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ ସହ ଶୋକାକୁଳ ବିଦାୟ ଦେଇଥିଲେ। ବିଭୁତିପଡ଼ା ଶ୍ମଶାନଘାଟକୁ ଅନ୍ତିମ ସତ୍କାର କରାଯାଇଥିଲା। ବଡ ପୁଅ ସାଗର ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ପ୍ରମୋଦ ହେଉଛନ୍ତି ପୂର୍ବତନ ବଲାଙ୍ଗିର ନଗରପାଳ ପ୍ରଦୀପ ସାହୁଙ୍କ ଭାଇ।

# କାଳବୈଶାଖୀ ଛଡ଼ାଇନେଲା ଜୀବନ ଜୀବିକା

- ଠକପଡ଼ା, ଚଙ୍ଗରିଆ, ରେଙ୍ଗାଲଜୁରୀରେ ବ୍ୟାପକ କ୍ଷୟକ୍ଷତି
- ଉପଖଣ୍ଡରେ ୪୩୦ ହେକ୍ଟର ଆମ୍ବ ଓ ପନିପରିବା ଚାଷ ନଷ୍ଟ
- ୨୪ ଘଣ୍ଟା ଭିତରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

ପାଟଣାଗଡ଼, ୮ ।୪(ସମିସ): ସୋମବାର ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ ପ୍ରକୃତି ତାଣ୍ଡବ ଲୀଳା ରଚଛି। କାଳବୈଶାଖୀ ସାଙ୍ଗକୁ ପ୍ରବଳ କୁଆପଥର ମାଡ଼ ମାତ୍ର କେଇ ଘଣ୍ଟାରେ ଜୀବନ ଜୀବିକା ଛଡାଇ ନେଇଛି। କାଳବୈଶାଖୀ ଓ କୁଆପଥର ମାଡ଼ରେ ଉପଖଣ୍ଡ ଅଞ୍ଚଳରେ ହୋଇଥିବା ଧାନ ଫସଲ, ପନିପରିବା ଓ ଉଦ୍ୟାନ ଚାଷ ନଷ୍ଟ ହୋଇଛି। ଗାଁ ଗୁଡିକରେ ଥିବା ଆଜବଷ୍ଟର ଓ ଟାଲଛପର ଘର, ଗୁହାଳ ସବୁ ନଷ୍ଟ ହୋଇ ଯାଇଛି। କୁଆପଥର ମାଡ଼ ଯୋଗୁଁ ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳର ପାଟଣାଗଡ଼, ଖପ୍ରାଖୋଲ ଓ ବେଲପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଚାଷ ନଷ୍ଟ ସହ ଘରଦ୍ୱାର କ୍ଷୟକ୍ଷତି ହୋଇଛି। ପାଟଣାଗଡ଼ ବ୍ଲକର ଠକପଡ଼ା ଓ ଖପ୍ରାଖୋଲ ବ୍ଲକର ଚଙ୍ଗରିଆ ଓ ରେଙ୍ଗାଲଜୁରୀ ଗାଁରେ ବ୍ୟାପକ ପରିମାଣରେ କ୍ଷୟକ୍ଷତି ହୋଇଛି। ଏହି ୩ଟି ଗାଁ ଲୋକଙ୍କ ଜୀବନ ଜୀବିକା ଦୋହଲି ଯାଇଛି। ଠକପଡ଼ା ଗାଁରେ ୫୦ ଏକର ଚିନାବାଦାମ, ୧୬ ଏକର ଧାନ, ୩୦ ଏକର ତରଭୁଜ, ୨୦ ଏକର ମୁଗ, ୫ ଏକର ମାଖନ, ୨ ଏକର ଝୋଡଙ୍ଗ, ୨ ଏକର ଗେଣ୍ଡୁଫୁଲ, ୫ ଏକର କଦଳୀ ଚାଷ ନଷ୍ଟ ହୋଇଛି। ଏଥିସହ ଚଙ୍ଗରିଆ ଓ ରେଙ୍ଗାଲଜୁରୀ ଗାଁରେ ୮୦ ପ୍ରତିଶତ ଲୋକଙ୍କ ଘର ନଷ୍ଟ ହୋଇଯାଇଛି। ଏପରିକି ରେଙ୍ଗାଲଜୁରୀ ଗାଁର ପ୍ରାଥମିକ ବିଦ୍ୟାଳୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାଫଳରେ ଛାତ୍ରଛାତ୍ରୀ ଶିକ୍ଷଦାନରୁ ବଞ୍ଚିତ ରହିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ମଙ୍ଗଳବାର ପ୍ରଶାସନ ତରଫରୁ ପଲିଥିନ ବଣ୍ଟନ କରାଯାଇଛି। ଏହା ସହ ଚୁଡା, ଗୁଡ଼ ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ସେହିଭଳି ଆମ୍ବ ଚାଷର ହବ୍ କୁହାଯାଉଥିବା ଚଙ୍ଗରିଆ ଗାଁରେ ଥିବା ୪୮ରୁ ଅଧିକ ଆମ୍ବ ବଗିଚା ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଗତ ବର୍ଷ ଏହି ଗାଁରୁ ବିଦେଶକୁ ଆମ୍ବ ରପ୍ତାନି ହୋଇଥିଲା; କିନ୍ତୁ କୁଆପଥର ମାଡ଼ ଯୋଗୁଁ ଗାଁର ସମସ୍ତ ଆମ୍ବ ତୋଟା ନଷ୍ଟ ହୋଇଯାଇଛି। ବୁଧବାର ପ୍ରଶାସନ ତରଫରୁ ଖପ୍ରାଖୋଲ ବିଡ଼ିଓ, ତହସିଲଦାର, ଆରଆଇ, ଉଦ୍ୟାନ ବିଭାଗ ଅଧିକାରୀଙ୍କ ଏକ ମିଳିତ ଟିମ୍ ଚଙ୍ଗରିଆ ଓ ରେଙ୍ଗାଲଜୁରୀ ଗାଁକୁ ଯାଇ ସ୍ଥିତି ପରଖିଛନ୍ତି। ଚାଷ ସହ ଘର ଓ ଗୁହାଳ କ୍ଷୟକ୍ଷତି ଆକଳନ କରାଯାଇଛି। ଖପ୍ରାଖୋଲ ତହସିଲଦାର ଗଣମାଧ୍ୟମକୁ କହିଛନ୍ତି ଯେ କୁଆପଥର ମାଡ଼ ଯୋଗୁଁ ହୋଇଥିବା ସମସ୍ତ କ୍ଷୟକ୍ଷତିର ଆକଳନ କରାଯାଉଛି। ସରକାରଙ୍କୁ ରିପୋର୍ଟ ଦେଲାପରେ ଯାହା ନିର୍ଦ୍ଦେଶ ଆସିବ କାର୍ଯ୍ୟକାରୀ କରାଯିବ। ଉଦ୍ୟାନ କୃଷି ବିଭାଗ ଅଧିକାରୀ କହିଛନ୍ତି ଉପଖଣ୍ଡରେ ୨୦୦ ଏକର ଆମ୍ବ ଚାଷ ଓ ୨୩୦ ଏକର ପନିପରିବା ଚାଷ ନଷ୍ଟ ହୋଇଛି। ଚାଷୀଙ୍କ ପ୍ରାୟ ୧୦ କୋଟି ଟଙ୍କା କ୍ଷତି ହୋଇଛି। ସରକାରୀ ସହାୟତା ସହ ସେ ବିଭାଗ ତରଫରୁ ଇନପୁଟ ସହାୟତା ପାଇଁ ଚେଷ୍ଟା କରିବେ। ଏଥିସହ ଜନମଞ୍ଚ ସିଭିଲ ସୋସାଇଟିର ଆବାହକ ଡିଙ୍ଗର କୁମ୍ଭାର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି କହିଛନ୍ତି ଯେ, ସାରା ଦେଶରେ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଥମ ରହିଛି। ଏହି ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାର ଜରୁରୀ ମନେ କରୁନାହାନ୍ତି। ତୁରନ୍ତ ଏହି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ହଜାରେ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଉ। ୨୪ ଘଣ୍ଟା ଭିତରେ ସମସ୍ୟାର ସମାଧାନ ନ ହେଲେ ଜନମଞ୍ଚ ସିଭିଲ ସୋସାଇଟି ତରଫରୁ ଆମରଣ ଅନଶନ କରାଯିବ ବୋଲି ଶ୍ରୀ କୁମ୍ଭାର ଚେତାବନୀ ଦେଇଛନ୍ତି।

## କବିତା ସଂକଳନ 'ଅନ୍ତର୍ଦାହ' ଉନ୍ମୋଚିତ

ବଲାଙ୍ଗିର, ୮ ।୪(ସମିସ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ବଲାଙ୍ଗିର ଶାଖା ଓ ବଲାଙ୍ଗିର ଆୟୁର୍ବେଦ କଲେଜର ମିଳିତ ସହଯୋଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ବଳିଷ୍ଠ ପ୍ରଧାନଙ୍କ କବିତା ସଂକଳନ 'ଅନ୍ତର୍ଦାହ' ଉନ୍ମୋଚିତ ହୋଇଛି। ଏଥିରେ ପ୍ରଫେସର ଡାକ୍ତର ମନୋଜ ସାହୁ, ଡାକ୍ତର ବିଶ୍ୱଜିତ ଦାଶ, ଡାକ୍ତର ଭାଗ୍ୟରଞ୍ଜନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ଭବାନୀଶଙ୍କର ପଟେଲ ସଭାପତିତ୍ୱ କରିଥିଲେ। ଡାକ୍ତର ନିଗମାନନ୍ଦ ବଳ ମଞ୍ଚ ପରିଚାଳନା କରିଥିଲେ। ବିଶିଷ୍ଟ କବି ଲିଲି ପଟେଲ ଓ ଓ କବିତା ସଂଯୋଜନା କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ଚୁମକୀ ଦାଶ, ପରିଷଦ ସଚିବ ରାମଚନ୍ଦ୍ର ପଟେଲ, ଗିରିଜା ଶଙ୍କର ରଥ, ଅଭିଷେକ ତ୍ରିବେଦୀ, ଭାଲେ ରାଓ, ପଙ୍କଜ ଉପାଧ୍ୟାୟ, ସୀତାରାମ ମେହେର, ଡା. ବିବେକ ଛାକେ, ଗୋପୀକୃଷ୍ଣ ପାଣ୍ଡିଆ, ବଳିଷ୍ଠ ପ୍ରଧାନ,



ନଳିନୀପ୍ରଭା ଶତପଥୀ, ରାମଶଙ୍କର ଶତପଥୀ, ଲିଲି ପଟେଲ, ଅରୁଷୀ ସିଂହ, ଶ୍ରେୟସୀ ନିଗମାନନ୍ଦ, ଦିବ୍ୟାରାଣୀ ବେହେରା, ଶକ୍ତି ସ୍ୱରୂପ ବ୍ରହ୍ମ, ସନାତନ ମିଶ୍ର, କବିତା ମିଶ୍ର, ସବିତା ଦାନୀ, ଗୋପୀନାଥ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

## ରୋତ କଲେଜରେ ରକ୍ତଦାନ ଶିବିର



ବଲାଙ୍ଗିର, ୮ ।୪(ସମିସ): ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ୟୁଥ ରେଡକ୍ରସ, ରେଡରିବନ୍ କ୍ଲବ, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦ୍ୱାରା ଆୟୋଜିତ ଏହି ଶିବିରକୁ ଅଧ୍ୟକ୍ଷ ପ୍ରଦୀପ ଷଡଙ୍ଗୀ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ରକ୍ତଦାନର ଉପକାରିତା ଓ ତାର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏହି ଶିବିରରେ ମହାବିଦ୍ୟାଳୟର ୩୦ ଜଣ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ରକ୍ତଦାନ କରିଥିଲେ। ବଲାଙ୍ଗିର ରକ୍ତଭଣ୍ଡାରର ଡକ୍ଟର ଅଶୋକ ମିଶ୍ର, ଜ୍ୟୋତିର୍ମୟୀ ନାଏକ, ଶେଖ୍ ଅବଦୁଲ ଆସରଫ, ଦେବାଶିଷ ମିଶ୍ର, ସଜନ ରଣା ଓ ସୁଶିଲ ସୁନା ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଦୈତାରି ଶବର, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଲେଫ୍ଟନାଣ୍ଟ ଗୋପାଳ ସାହୁ, ୟୁଥ ରେଡକ୍ରସର ସଂଯୋଜକ ଡକ୍ଟର ଲିଙ୍ଗରାଜ ମେହେର ଓ ରୁପେଶ ଷାଣ୍ଢଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ସମସ୍ତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଦେଓଗାଁ ଚିନିକଳ କାର୍ଯ୍ୟକ୍ଷମ ଦାବି

ବଲାଙ୍ଗିର, ୮ ।୪(ସମିସ): ପୂର୍ବ ଘୋଷଣା ଅନୁଯାୟୀ ଦେଓଗାଁ ଚିନିକଳ ସଂଘର୍ଷ ସମିତି ତରଫରୁ ଚିନିକଳ ପୁନରୁଦ୍ଧାର ପାଇଁ ଜିଲ୍ଲାପାଳଙ୍କ ଅଫିସ ସାମନାରେ ଏକ ଧାରଣା ତଥା ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଗତ ସାଧାରଣ ନିର୍ବାଚନରେ ଏହି ପ୍ରସଙ୍ଗକୁ ବିଜେପି ନିର୍ବାଚନୀ ଇସ୍ତାହାରରେ ସ୍ଥାନିତ କରିଥିଲା। ସରକାରକୁ ଆସିବା ପରେ ବଲାଙ୍ଗିରସ୍ଥ ପଥରଚେପାଠାର ଅନୁଷ୍ଠିତ କୃଷକ ଶକ୍ତି ମେଳାରେ ଖୋଦ ମୁଖ୍ୟମନ୍ତ୍ରୀ ଏବଂ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଚିନିକଳ ତୁରନ୍ତ ଖୋଲିବା ନେଇ ଘୋଷଣା କରିଥିଲେ। ଏହା ଜିଲ୍ଲାର ଚାଷୀ ସମାଜ, ଶ୍ରମିକ ଶ୍ରେଣୀ ତଥା ବୁଦ୍ଧିଜୀବୀ ମହଲରେ ନୂତନ ଆଶା ସଞ୍ଚାର କରିଥିଲା। ପ୍ରଶାସନିକସ୍ତରରେ ମଧ୍ୟ କିଛି ହଲଚଲ ଅନୁଭବ କରାଯାଉଥିଲା; କିନ୍ତୁ ନିକଟରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଭୁବନେଶ୍ୱରଠାରେ କେବଳ ନୟାଗଡ଼ ଓ ବଡମ୍ବା ଚିନିକଳ ଚାଲିବା ନେଇ ସବୁଜ ସଂକେତ ଦେଇଥିଲେ। ଏହା ଦ୍ୱାରା ପୁନର୍ବାର ଦେଓଗାଁ ଚିନିକଳର ଭାଗ୍ୟ ଅନିଶ୍ଚିତତା ଭିତରକୁ ଚାଲିଗଲା।



ଏଣୁ ସରକାରଙ୍କ ଏତାଦୃଶ ଉପେକ୍ଷା ଓ ଅଣଦେଖା ଭାବକୁ ଚାଷୀ ସମାଜ ସହଜରେ ଗ୍ରହଣ କରିବ ନାହିଁ ବୋଲି ସଂଘର୍ଷ ସମିତିର ମୁଖ୍ୟ ଆବାହକ ବିଭୁଦତ୍ତ ମିଶ୍ର ପ୍ରକାଶ କରିଛନ୍ତି। ଯଦି ସରକାର ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଏ ସମ୍ବନ୍ଧୀୟ ସକରାତ୍ମକ ଘୋଷଣା ନ କରନ୍ତି ତାହା ହେଲେ ସମିତି ବାଧ୍ୟ ହୋଇ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ଶାଣିତ କରିବ ବୋଲି ସେ ଚେତାବନୀ ଦେଇଥିଲେ। ଆବାହକ ସତ୍ୟ ବନଛୋରଙ୍କ ସଂଯୋଜନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ବିଭିନ୍ନ ଚାଷୀ ସଂଗଠନର ନେତୃତ୍ୱ, ଶ୍ରମିକ ସଂଗଠକ ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସରକାର ତାଙ୍କ ପୂର୍ବ ଘୋଷଣାକୁ ବିନା ଟାଳଟୁଳ ନୀତିରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଥିଲେ। ସମିତିର ଆବାହକ ମଣ୍ଡଳିର ସଦସ୍ୟ ରାଜେଶ ବରଗ୍ଡ଼ି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଆଶିଷ ପାଣ୍ଡେ, ସନ୍ଦୀପ ବାଗ, ନୀଳମଣୀ ଯୋଷୀ ଏବଂ ଚାଷୀନେତା ମଧୁସୁଦନ କ୍ଷେତୀ, ପ୍ରିତମ ଠାକୁର, ପ୍ରଦ୍ୟୁମ୍ନ ବାବୁ, ପିଣ୍ଟୁ ସେଠ୍ ଓ ସୁଧିର ପଟେଲ ପ୍ରମୁଖ ଯୋଗ ଦେଇ ସରକାରଙ୍କ ଏହି ଉପେକ୍ଷା ଓ ପ୍ରତାରଣାକୁ ଦୃଢ଼ ନିନ୍ଦା କରିଥିଲେ। ଚାଷୀଙ୍କ ଧୈର୍ଯ୍ୟର ପରୀକ୍ଷା ନ ନେବାକୁ ସରକାରଙ୍କୁ ଚେତାବନୀ ଦେଇଥିଲେ। ଏ ସମ୍ବନ୍ଧରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ଦିଆଯାଇଛି।

**ହଜି ଯାଉଥିବା ରାମଲୀଳା ପରମ୍ପରା ବଞ୍ଚାଇବାକୁ ପ୍ରୟାସ**

# ଗାଁରେ ଅନାଦର; ସହରରେ ଆଦର

ବଲାଙ୍ଗିର, ୮ ।୪(ସମିସ)

ମୁହଁରେ ରଙ୍ଗ, ଶରୀରରେ ବିଭିନ୍ନ ବେଶର ଆଧ୍ୟାତ୍ମିକ ଆଭୂଷଣ ଲଗାଇ ଚାଲିଛି ରାମଲୀଳାର ଗୀତିନାଟ୍ୟ। ବହୁ ପୁରୁଣା ଏହି ପରମ୍ପରା ପ୍ରାୟତଃ ଗାଁରେ ଦେଖିବାକୁ ମିଳୁଥିଲା। ଗ୍ରୀଷ୍ମ ସମୟରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଗୀତିନାଟ୍ୟ କଳାକାରମାନେ ପରିବେଷଣ କରୁଥିଲେ। ଏହାକୁ ଦେଖିବା ପାଇଁ ଗାଁରେ ଭିଡ଼ ଦେଖିବାକୁ ମିଳୁଥିଲା; କିନ୍ତୁ ସମୟାନୁକ୍ରମରେ ଏହି ପରମ୍ପରା ପ୍ରାୟତଃ ବନ୍ଦ ହୋଇସାରିଛି। ଏବେ କାଁ ଭାଁ କେଉଁଠି ଏହା ଦେଖିବାକୁ ମିଳୁଛି। ତେବେ ଏହି ଗୀତିନାଟ୍ୟ ଏବେ ବଲାଙ୍ଗିର ସହରରେ ଦେଖିବାକୁ ମିଳୁଛି। ପ୍ରାୟ ୧୮ ବର୍ଷ ପରେ ୨୦୨୨ରେ ଏହା ଆରମ୍ଭ ହୋଇଥିଲା। ଗତ ୫ବର୍ଷ ହେଲା ସହରର ଜଗନ୍ନାଥପଡ଼ା ଓ ରାମଜୀପଡ଼ାର ଯୁବକମାନଙ୍କ ମିଳିତ ପ୍ରୟାସରେ ଏହି ରାମଲୀଳା ସଫଳତାର ସହ ଅନୁଷ୍ଠିତ ହୋଇଆସୁଛି। ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାମନବମୀଠାରୁ ଏହି ରାମଲୀଳା ଆରମ୍ଭ ହୋଇଛି। ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳୁଛି। ଏହି ରାମଲୀଳା ଭିତରେ ହେଉଥିବା ବିଭିନ୍ନ ସ୍ୱତନ୍ତ୍ର ଅଧ୍ୟାୟ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗୁଡିକର ମଧ୍ୟ ବ୍ୟବସ୍ଥା କରାଯାଇଛି।

କିଛି ବର୍ଷ ପୂର୍ବରୁ ରାମନବମୀ ସମୟରେ ବଲାଙ୍ଗିର ସହର ସମେତ ଜିଲ୍ଲାର ବିଭିନ୍ନ ଗାଁରେ ରାମଲୀଳା ଅନୁଷ୍ଠିତ ହେଉଥିଲା। ରାମ, ଲକ୍ଷ୍ମଣ, ସୀତା, ରାବଣ, ହନୁମାନ, ବିଭୀଷଣ ଏହିଭଳି ଭିନ୍ନ ଭିନ୍ନ ଚରିତ୍ରରେ ଯୁବକମାନେ ଅଭିନୟ କରୁଥିଲେ। ଗୀତିନାଟ୍ୟ ମାଧ୍ୟମରେ ରାମାୟଣକୁ ପ୍ରଦର୍ଶନ କରାଯାଉଥିଲା। ରାମଜନ୍ମଠାରୁ ଆରମ୍ଭ କରି ରାବଣ ବଧ ପର୍ଯ୍ୟନ୍ତ ଚାଲୁଥିବା ଏହି ଗୀତିନାଟ୍ୟ ଗାଁ ପରିବେଶକୁ ଅଧ୍ୟାତ୍ମିକ ପରିବେଶରେ ପରିଣତ କରୁଥିଲା। ଏହାକୁ ଦେଖିବାକୁ ଲୋକଙ୍କ ଭିଡ ଦେଖିବାକୁ ମିଳୁଥିଲା। ପୂର୍ବରୁ ବଲାଙ୍ଗିର ସହରର ମଧ୍ୟ ବିଭିନ୍ନ ସ୍ଥାନରେ ଏହା ଅନୁଷ୍ଠିତ ହେଉଥିଲା; କିନ୍ତୁ କାଳକ୍ରମେ କଳାକାରମାନଙ୍କ ଉଦାସୀନତା, ଲୋକଙ୍କ ବ୍ୟସ୍ତତା ଓ ଆୟୋଜକମାନଙ୍କ ଅନିଚ୍ଛା ଯୋଗୁଁ ଏହା ବନ୍ଦ ହୋଇଯାଇଥିଲା। ସହରରେ ବହୁ ପୂର୍ବରୁ ଏହା ବନ୍ଦ ହୋଇଥିବା ବେଳେ ଗାଁରେ କିଛି ବର୍ଷ ହେଲା ଏହା ବନ୍ଦ ହୋଇଛି; କିନ୍ତୁ ୨୦୨୨ ମସିହା ରାମନବମୀଠାରୁ ଏହି



ପରମ୍ପରାକୁ ପୁଣିଥରେ ବଞ୍ଚାଇବା ପାଇଁ ସହରର ଜଗନ୍ନାଥପଡ଼ା ଓ ରାମଜୀପଡ଼ାର କିଛି ବ୍ୟକ୍ତି ଉଦ୍ୟମ ଆରମ୍ଭ କରିଥିଲେ। ପୂର୍ବରୁ ଏହି ଦୁଇ ପଡ଼ା ମିଶି ରାମଲୀଳାର ଆୟୋଜନ କରୁଥିଲେ; କିନ୍ତୁ ଲାଗିରହୁଥିବା ସମସ୍ୟା ଯୋଗୁଁ ଏହା ପ୍ରାୟ ୧୮ ବର୍ଷ ଧରି ବନ୍ଦ ରହିଥିଲା। ସହରର ଯୁବକମାନେ ମୁହଁରେ ରଙ୍ଗ ଲଗାଇ ବିଭିନ୍ନ ଚରିତ୍ରର ଆଭୂଷଣରେ ସଜ୍ଜିତ ହୋଇ ଲୋକଙ୍କ ସାମ୍ନାରେ ରାମାୟଣର ଗୀତିନାଟ୍ୟ ଅନୁସାରେ ଅଭିନୟ କରୁଛନ୍ତି।

ବହୁ ବର୍ଷ ପୂର୍ବରୁ ଜଗନ୍ନାଥପଡ଼ାର ଜଗନ୍ନାଥ ମନ୍ଦିର ସାମ୍ନାରେ ରାମଲୀଳା ଅନୁଷ୍ଠିତ ହେଉଥିଲା। ୫୦ ବର୍ଷ ପୂର୍ବରୁ ରାମଜୀପଡ଼ାଠାରେ ରାମ ମନ୍ଦିର ପ୍ରତିଷ୍ଠା ହେବା ପରେ ସେହିଠାରେ ଏହି ରାମଲୀଳା ଅନୁଷ୍ଠିତ ହୋଇଆସୁଥିଲା; କିନ୍ତୁ ବିଭିନ୍ନ ସମସ୍ୟା ଯୋଗୁଁ ୨୦୦୩ ମସିହାରେ ଏହି ରାମଲୀଳା ବନ୍ଦ ହୋଇଯାଇଥିଲା। ଦୁଇ ପଡ଼ା ମଧ୍ୟରେ ବନ୍ଧୁତାର ସେତୁ ସାଜିଥିବା ଏହି ରାମଲୀଳାକୁ ପୁଣିଥରେ ଆରମ୍ଭ କରିବା ପାଇଁ ଉଭୟ ପଡ଼ାର ଯୁବକମାନେ ପ୍ରୟାସ ଆରମ୍ଭ କରିଥିଲେ। ୨୦୨୨ ମସିହାଠାରୁ ଲଗାତାର ୫ ବର୍ଷ ହେଲା ଏହି ରାମଲୀଳା ଅନୁଷ୍ଠିତ ହେଉଛି। ଯୁବକମାନେ ରାମଲୀଳାର ବିଭିନ୍ନ ଚରିତ୍ରରେ ନିଖୁଣ ଅଭିନୟ କରି ପ୍ରଶଂସା ସାଉଁଟୁଛନ୍ତି। ରାମନବମୀଠାରୁ ଏହି ରାମଲୀଳା ଆରମ୍ଭ ହୋଇଥିବା ବେଳେ ରାବଣବଧ ପର୍ଯ୍ୟନ୍ତ ଚାଲିବ। ରାମଲୀଳାରେ ଅଭିନୟ କରିବା ପାଇଁ ଯୁବକମାନଙ୍କ ମଧ୍ୟରେ ଉତ୍ସାହ ମଧ୍ୟ ଦେଖିବାକୁ ମିଳୁଛି। ସହରର ବିଭିନ୍ନ ସ୍ଥାନରୁ ଏହି ରାମଲୀଳା ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥାଏ। ବିଭିନ୍ନ ସମ୍ମାନସ୍ୱଦ ପେଶାରେ ଥିବା ବ୍ୟକ୍ତି ବିଶେଷ ମଧ୍ୟ ଏହି ରାମଲୀଳାରେ ଅଭିନୟ କରୁଛନ୍ତି। ଏହି ଭିତରେ ରାମଜନ୍ମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସୀତା ବିବାହରେ ମହିଳାମାନଙ୍କ ଦ୍ୱାରା ସତସତିକା ବୈବାହିକ ପରମ୍ପରାର ଆୟୋଜନ ଏଠାରେ ଆୟୋଜନ କରାଯାଇଥାଏ। ଦଶରଥଙ୍କ ଦେହାନ୍ତ, ସୀତାଚୋରି ଏହିଭଳି ବିଭିନ୍ନ ଅଧ୍ୟାୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ରାମଲୀଳା ବଞ୍ଚାଇବାକୁ ପ୍ରୟାସ କରାଯାଉଛି। ଏହା ବର୍ତ୍ତମାନ ସମୟର ଛାତ୍ରଛାତ୍ରୀ ତଥା ଯୁବକ ଯୁବତୀଙ୍କୁ ରାମାୟଣ ବିଷୟରେ ଜାଣିବାରେ ସହାୟକ ହୋଇଛି। ପ୍ରତିବର୍ଷ ଲୋକଙ୍କୁ ଆକର୍ଷିତ କରିବା ପାଇଁ କମିଟି ପକ୍ଷରୁ ଭିନ୍ନ ଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

# ବିବାହ ଭୋଜି ଗଣ୍ଡଗୋଳରେ ମୃତ୍ୟୁ ଘଟଣା ;୨ କୋର୍ଟ ଚାଲାଣ

**ସିନାପାଲି, ୮ ।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଚଡରାଗ୍ରାମ ସାଲେପଡ଼ାରେ ବିବାହ କାର୍ଯ୍ୟକ୍ରମରେ ମାଂସ ଭୋଜିରେ ଗଣ୍ଡଗୋଳ ହୋଇ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରି ମାରି ଦେଇଥିବା ଘଟଣାରେ ବୁଧବାର ଦିନ ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଅଭିଯୁକ୍ତ ଦ୍ୱୟ ଚଡଁରା ଗ୍ରାମର ତୀର୍ଥ ବନ୍ଦିଛୋର (୩୫) ଓ ଚଳନା ଗ୍ରାମର ଟଙ୍କଧର ହଂସ (୨୮) ବୋଲି ଜଣାପଡ଼ିଛି । ମୃତ ବ୍ୟକ୍ତି ଚଡରାଗ୍ରାମର ଗୋପ ବନ୍ଦିଚୋର(୫୩) । ଏହି ଘଟଣା ପରେ ପରିବାର ଲୋକେ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଥିଲେ ।ଅଭିଯୋଗ କୁ ଭିତ୍ତିକରି ସିନାପାଲି ପୁଲିସ କେସ ନଂ ୯୮/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଘଟଣାରୁ ପ୍ରକାଶ ଯେ ଗତ ସୋମବାର ଦିନ ସାଲେପଡ଼ାରେ ମନବୋଧ ବନ୍ଦିଚୋରଙ୍କ ଝିଅ ବିବାହ କାର୍ଯ୍ୟକ୍ରମ ରହିଥିଲା । ସେହି କାର୍ଯ୍ୟକ୍ରମରେ ଗୋପ ବନ୍ଦିଚୋର ନିମନ୍ତ୍ରଣ ପାଇ ଯାଇଥିଲେ ।ସେଠାରେ ଭୋଜିଭାତ ସମୟରେ ମାଂସ ଭାତ ପାଇଁ କିଛି ବ୍ୟକ୍ତି ତାଙ୍କ ସହ ଯୁକ୍ତିତର୍କ କରି ମାରପିଟ୍ କରିଥିଲେ । ସେଠୁ ଗୋପ ଗୁରୁତର ହୋଇ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିବା ବେଳେ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ସଙ୍କଟାପନ୍ନ ଥିବାରୁ ଡାକ୍ତର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ । ସେଠାରୁ ପରିବାରଲୋକେ ଅଧିକ ଚିକିତ୍ସା ପାଇଁ ଭବାନିପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିବା ବେଳେ ସେଠାରେ ତାଙ୍କ ଚିକିତ୍ସାଧିନ ସମୟରେ ମୃତ୍ୟୁ ହୋଇଥିଲା । ଅଭିଯୋଗକ୍ରମେ ଖଡିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଓ ସିନାପାଲି ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ପୁଲିସ ଟିମ ଘଟଣାର ତଦନ୍ତ ଆରମ୍ଭ କରି ଅଟକ ରଖି ପଚରା ଉଚରା ଜାରି ରଖିଥିବା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ନୂଆଗାଁରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

**କୋମନା, ୮ ।୪(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ନୂଆଗାଁରେ ଆଜିଠାରୁ ଷୋହଳପ୍ରହର ନାମଯଜ୍ଞ ଶୁଭାରମ୍ଭ ହୋଇଛି ।ଶ୍ରଦ୍ଧାଳୁଙ୍କ ଦ୍ୱାରା ଭବ୍ୟ କଳସଯାତ୍ରା ଆୟୋଜିତ ହୋଇଥିଲା । ସନ୍ଧ୍ୟାରେ ସ୍ଥାନୀୟ ଯଜ୍ଞ ମଣ୍ଡପରେ ଶାସ୍ତ୍ରୀୟ ବିଧି ବିଧାନ ଅନୁଯାୟୀ ପୂଜା ଅର୍ଚ୍ଚନା କରାଯିବା ପରେ କଳସଯାତ୍ରା ଆରମ୍ଭ ହୋଇଥିଲା । ଶତାଧିକ ମହିଳାକଳସ ଧାରଣ କରି ଗ୍ରାମ ପରିକ୍ରମା କରିଥିଲେ ।ନାମଯଜ୍ଞରେ ସଞ୍ଜୟ ସାହୁ, ଡୋଲମଣୀ ମହାରଣା, ଭୋଳାଶଙ୍କର ସାହୁ, ସୁନିତା ସାହୁ, ଲଳିତା ସାହୁ ଏବଂ ସୁଶ୍ରୀ ଶ୍ରୀୟା ମେହେର ଭଳି ପ୍ରତିଷ୍ଠିତ କଳାକାରଙ୍କ ସମେତ ୮ଟି ସଙ୍କୀର୍ତ୍ତନ ଦଳ କୃଷ୍ଣ ନାମ ଜପ କରି ଭକ୍ତଙ୍କୁ ମନ୍ତ୍ରମୁଗ୍ଧ କରିବେ । ମହୋତ୍ସବ ଆସନ୍ତା ୧୧ ତାରିଖ ଦିନ ପୂର୍ଣ୍ଣାହୁତି ସହ ସମାପ୍ତ ହେବ । ସେହିଦିନ ସନ୍ଧ୍ୟାରେ ସ୍ୱତନ୍ତ୍ର ବୈଠକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସୂଚନା ମିଳିଛି । ନାମଯଜ୍ଞ ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖିବାକୁ ମିଳୁଛି ।

ତାଣ୍ଡବ ରଚିଲା କାଳବୈଶାଖୀ

# ଘୂର୍ଣ୍ଣିଝଡରେ ଛିନ୍‌ଛତ୍ର ଭଟାଗୁଡା ଗ୍ରାମ





**ଥୁଆମୂଳରାମପୁର, ୮ ।୪(ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକରେ ସୋମବାର ପୁଣି କାଳବୈଶାଖୀ ତାର ଭୟଙ୍କର ରୂପ ଦେଖାଇଛି । ବିଶେଷ କରି ଥୁଆମୂଳପଞ୍ଚାୟତ ଅଧୀନ ଭଟାଗୁଡା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଦେଖାଯାଇଛି । ଅପରାହ୍ନ ୩ ଘଣ୍ଟାରେ ମାତ୍ର ୧୫ ମିନିଟ୍‌ର ଭୟଙ୍କର ଘୂର୍ଣ୍ଣିଝଡରେ ସମ୍ପୂର୍ଣ୍ଣ ଗାଁ ଛିନ୍ନଛତ୍ର ହୋଇପଡ଼ିଛି । ଏହି ଝଡରେ ୩୭ଟି ପରିବାରର ଘରର ଆଜବେଷ୍ଟ ଉଡିଯାଇଥିବା ବେଳେ ଅନେକ ଛୋଟବଡ଼ ଗଛ ଭାଙ୍ଗି ପଡ଼ିଛି । ଗ୍ରାମର ରଏବାରୁ ପରାଭୋଇ, ବଡ ପରାଭୋଇ, ଲକ୍ଷ୍ମଣ ଜାନୀ, ତାମା ଜାନୀ, ସାନନ୍ଦ ମାଝୀ ଓ ମଙ୍ଗଳୁ ନାଏକଙ୍କ ଘର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଏହା ସହିତ ଧନସିଂ ମାଝୀ, ବିକ୍ରମ ମାଝୀ, ବିଭୁତି ଜାନୀ, ରାଧେ କୁମାର ଜାନୀ, ଧଙ୍କଧର ମାଝୀ, ତାରାଙ୍ଗ ଦେଇ, ମୁକୁନ୍ଦ ମାଝୀ, ସମ୍ବାରୁ ଜାନୀ, ଘାସିରାମ ମାଝୀ, ରାଏସିଂ ମାଝୀ, ହରେକୃଷ୍ଣ ମାଝୀ, ବିଭୁଦତ୍ତ ମାଝୀ, ଛତ୍ରପତି ମାଝୀ, ସୁନାଧର ମାଝୀ, ମଦନ ମାଝୀ, ପଦୁ ନାଏକ, ଧନପତୀ ନାଏକ, ଫକୀର ନାଏକ, କାଶପତୀ ନାଏକ, ଭୁବନେ ନାଏକ, ଶରତଚନ୍ଦ୍ର ନାଏକ, ବାଲସିଂ ମାଝୀ, ରୁପି ଜାନୀ, ସୁଦର୍ଶନ ମାଝୀ, ବିନୁ ମାଝୀ, ବରୁଣ ନାଏକ, ବାଳକୃଷ୍ଣ ମାଝୀ, ସୁନାମାଳିଆ ନାଏକ, କୁଶ ନାଏକ, ସୁଦର୍ଶନ ନାଏକ ଓ ପାଇକୁ ମାଝୀଙ୍କ ଘରର ଆଜବେଷ୍ଟସ୍ ଭାଙ୍ଗିଯାଇଛି ଏବଂ ଘରୋଇ ସାମଗ୍ରୀ ନଷ୍ଟ ହୋଇଛି । ଏହା ସହ ବଡବଡ ଗଛ ଭାଙ୍ଗି ଯାଇଥିବା ବେଳେ ସଂଯୋଗ ହୋଇଥିବା ବିଦ୍ୟୁତ ତାର ଗୁଡିକ ଛିଣ୍ଡି ପଡ଼ିଛି । ସୂଚନା ପାଇ ଥୁଆମୂଳରାମପୁର ଅଗ୍ନିଶମ ବିଭାଗ ଦ୍ୱାରା ଗଛ ଗୁଡିକୁ ହଟାଇଛନ୍ତି । କରାଙ୍ଗ, ପୋଖରେସ ଓ ତେନ୍ତୁଳିପଡ଼ା ଗ୍ରାମରେ ମଧ ପ୍ରତ୍ୟେକ ୩ଟି କରି ଘରର କ୍ଷତି ଘଟିଥିବା ସୂଚନା ମିଳିଛି । ଅପରାହ୍ନରେ ହୋଇଥିବା ବଜ୍ରପାତରେ ପୋଖରୀଗୁଡା ଗ୍ରାମର ହାଜେଙ୍ଗ ମାଝୀଙ୍କ ଅଣ୍ଡିରା ମଇଁଷି ମୃତ୍ୟୁବରଣ କରିଛି, ଯାହାରୁ ଚାଷୀ ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି । ଘଟଣାସ୍ଥଳ ପରିଦର୍ଶନ କରିଥିଲେ ବିଡ଼ିଓ ଧ୍ରୁବ ଚରଣ ମୁଦୁଲି, ଅତିରିକ୍ତ ତହସିଲଦାର ତପନ କୁମାର ପତି, ସନାତନ ମହାରଣା ଓ ପିଇଓ ସୋମଦତ୍ତ ପଣ୍ଡା । ସେମାନେ କ୍ଷତିର ଆକଳନ କରି ସରକାରୀ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ରାଇସ୍ ମିଲ୍ ଟ୍ରାନ୍ସଫର୍ମରରେ ନିଆଁ



**କୋକସରା, ୮ ।୪(ସମିସ):** କୋକସରା ବ୍ଲକ ଲଡୁଗାଁ ଏଚ୍ଆର୍ ରାଇସ୍ ମିଲ୍‌ରେ ଥିବା ଟ୍ରାନ୍ସଫର୍ମରରେ ବୁଧବାର ନିଆଁ ଲାଗି ଯାଇଥିଲା । କୋକସରା ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ ହାବିଲଦାର ସୁନୀଲ ରଞ୍ଜନ ବରାଲା, କର୍ମଚାରୀ ରାଧେଶ୍ୟାମ ପ୍ରଧାନୀ, ଲଳିତ ପୁଟେଲ, ଉମାଶଙ୍କର ନାଏକ, ଦେବାଶିଶି ମହାପାତ୍ର ପ୍ରମୁଖ ନିଆଁକୁ ଆୟତ୍ତ କରିଥିଲେ । ତେବେ ସର୍ଟସର୍କିଟ ଯୋଗୁଁ ଟ୍ରାନ୍ସଫର୍ମରରେ ନିଆଁ ଲାଗିଥିବା ଜଣାପଡ଼ିଛି । ନିଆଁ ଲାଗିବା ଫଳରେ ଟ୍ରାନ୍ସଫର୍ମର କ୍ଷତି ହୋଇଥିବା ଜଣାପଡ଼ିଛି ।

# ୨ଟି ସ୍କୁଲରୁ ଚୋରି ଉଦ୍ୟମ

**କେସିଙ୍ଗା, ୮ ।୪ (ସମିସ):** ମଙ୍ଗଳବାର ଗୋଟିଏ ରାତିରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ତହଁସିର ଓ ଉକ୍ରେଲା ପ୍ରାଥମିକ ବିଦ୍ୟାଳୟ ଅଫିସ ତାଲା ଭାଙ୍ଗି ଚୋରି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି । ତହଁସିର ପ୍ରାଥମିକ ବିଦ୍ୟାଳୟରେ କେବଳ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ତାଲା ଭାଙ୍ଗି ଚୋରମାନେ ଚାଲିଯାଇଥିବା ବେଳେ କିଛି ଚୋରି ହୋଇ ନାହିଁ ବୋଲି ସୂଚନା ରହିଛି । ଉକ୍ତ ବିଷୟରେ ସ୍କୁଲ କମିଟି ପକ୍ଷରୁ କେସିଙ୍ଗା ଥାନାରେ ଅଭିଯୋଗ କରାଯାଇଛି । ହେଲେ ଉକ୍ରେଲା ସ୍କୁଲରେ ହୋଇଥିବା ଚୋରି ଉଦ୍ୟମରେ ସ୍କୁଲ କମିଟି କିମ୍ବା ପ୍ରଧାନ ଶିକ୍ଷକଙ୍କ ପକ୍ଷରୁ ଉକ୍ରେଲା ଫାଣ୍ଡିରେ କୌଣସି ଅଭିଯୋଗ କରାଯାଇନଥିବା ଉକ୍ରେଲା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀ ପ୍ରକାଶ କରିଛନ୍ତି ।

# ଘର ଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କୋକସରା, ୮ ।୪(ସମିସ):** କୋକସରା ଥାନା ବୋବରିଆ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ନିଜ ଘର ଭିତରୁ ଉଦ୍ଧାର ହୋଇଛି । ମୃତ ଯୁବକ ଲୋଚନ ମାଝୀ ବୋଲି ଜଣାପଡ଼ିଛି । କୋକସରା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ବୁଧବାର ସକାଳେ ଯୁବକ ଲୋଚନଙ୍କ ମୃତଦେହ ନିଜ ଘର ଭିତରେ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥିଲା । ଖବର ପାଇ କୋକସରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ଶବଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲା । ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି ।ମୃତ ଲୋଚନ ଗତ କିଛି ଦିନ ହେଲା ମାନସିକ ଚାପରେ ରହୁଥିବା ପରିବାର ଓ ପଡ଼ୋଶୀ ଲୋକଙ୍କ ଠାରୁ ଶୁଣିବାକୁ ମିଳୁଛି । ତେବେ ମାନସିକ ଚାପରେ ଆସି ସେ' ଆତ୍ମହତ୍ୟା ନିଷ୍ପତ୍ତି ନେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ । କୋକସରା ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୁଲିସ ତଦନ୍ତ ଜାରି ରଖିଛି ।

# ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟକୁ ପୋଥି ଦାନ

**ଭବାନୀପାଟଣା, ୮ ।୪(ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପୋଥି ସଂଗ୍ରହ ଅଭିଯାନରେ ପୁଣି ଏକ ସଫଳତା ମିଳିଛି ।ପ୍ରାଚୀନ ପୋଥିର ଉଦ୍ଧାର ଓ ସଂରକ୍ଷଣ, ମୂଳପାଠ ନିର୍ଣ୍ଣୟ ସହିତ ଛାତ୍ରଛାତ୍ରୀଙ୍କୁ ପୋଥି ବିଷୟରେ ଅବଗତ କରିବା ହେଉଛି ଅଭିଯାନର ଲକ୍ଷ୍ୟ । କୁଳପତି ଡ.ନିବେଦିତା ନାଥ, ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ସହକାରୀ ପ୍ରଫେସର ଡୋଲାମଣି ଧରୁଆ ଓ ଡ. ଦାଶରଥି ଆଚାର୍ଯ୍ୟ ପୋଥି ସଂଗ୍ରହ କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି । ପ୍ରଥମଥର ପାଇଁ ନୂଆପଡ଼ା ଜିଲ୍ଲାରୁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟକୁ ପୋଥି ଆସିଛି । ପୋଥିଗୁଡିକ ଡ. ଦାଶରଥି ଆଚାର୍ଯ୍ୟ ନୂଆପଡ଼ା ଜିଲ୍ଲାର ତୁକଲା ଗ୍ରାମରେ ଅରୁଣ କୁମାର ଦାଶଙ୍କ ଘରେ ପୋଥି ଠାବ କରିଥିଲେ । ଶ୍ରୀ ଦାଶ ଜଣେ ଶିକ୍ଷକ ହୋଇଥିବାରୁ ତାଙ୍କ ଘରେ ଅନେକ ଦୁର୍ଲଭ ପୋଥି ସାଇତି ରଖିଥିଲେ । ସେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ହସ୍ତରେ ୮ଟି ଦୁର୍ଲଭ ପୋଥି ଅର୍ପଣ କରିଛନ୍ତି । ପୋଥିଗୁଡିକୁ ବିଶ୍ୱବିଦ୍ୟାଳୟର ପୋଥି ସଂଗ୍ରହାଳୟରେ ସାଇତି କରି ରଖାଯାଇଛି । ପୋଥିଗୁଡିକ ଓଡ଼ିଆ ଓ ସଂସ୍କୃତର ଛାତ୍ରଛାତ୍ରୀ ତଥା ଗବେଷକ, ଗବେଷିକାଙ୍କ ଗବେଷଣା ପାଇଁ ଏକ ନୂତନ ଦିଗ ଉନ୍ମୋଚନ କରିବ ବୋଲି ସେମାନେ ସ୍ୱଇଚ୍ଛାରେ ପ୍ରଦାନ କରିଛନ୍ତି । ଭାଷା ଓ ସାହିତ୍ୟ ବିଷୟକ ଦୁର୍ଲଭ ପୋଥି ପ୍ରଦାନ କରିଥିବାରୁ କୁଳପତି ଡକ୍ଟର ନିବେଦିତା ନାଥ ତଥା ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ପ୍ରଶଂସା କରିଛନ୍ତି ।



# ପ୍ରାକୃତିକ ସମ୍ପଦ ସୁରକ୍ଷା ନେଇ ଦାବିପତ୍ର

**ଭବାନୀପାଟଣା, ୮ ।୪ (ସମିସ):** କଳାହାଣ୍ଡିର ପ୍ରାକୃତିକ ପରିବେଶ ସୁରକ୍ଷା ଓ ଅନୁସୂଚିତ ଅଞ୍ଚଳରେ ପେସା ଆଇନ ଲାଗୁ କରିବା ତଥା ସଂଗ୍ରାମୀ ଲିଙ୍ଗରାଜ ଆଜାଦ ଓ ତାଙ୍କ ସାଥୀଙ୍କୁ ନିଃସର୍ତ୍ତ ଖଲାସ ଦାବିରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ଦିଆଯାଇଛି । କଳାହାଣ୍ଡି ଜଳ-ଜମି- ଜଙ୍ଗଲ-ପରିବେଶ ସୁରକ୍ଷା ସମିତି, ତରଫରୁ କାର୍ଯ୍ୟକ୍ରମ ପାଇଁ ଅନୁମତି ପତ୍ର ହାସଲ କରିଥିଲେ । ହେଲେ କାଶୀପୁର ଅଞ୍ଚଳରେ ଆଇନ ଶୃଙ୍ଖଳା ସୃଷ୍ଟି ହୋଇଥିବାରୁ ଓ କଳାହାଣ୍ଡିରୁ ବହୁମାତ୍ରାରେ ପୁଲିସ ବଳ କାଶୀପୁର ଯାଉଥିବାରୁ ଏଠି ଧାରଣା ପାଇଁ ପୁଲିସ ସୁରକ୍ଷା ଯୋଗାଇବା ସମ୍ଭବ ନୁହେଁ ବୋଲି ଗତକାଲି ଜିଲ୍ଲା ପ୍ରଶାସନ ଉକ୍ତ ଅନୁମତିପତ୍ରକୁ ଖାରଜ କରିଥିଲେ । କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମବେତ ହୋଇଥିଲେ କିଛି ଆନ୍ଦୋଳନ କାରୀ । ସେମାନେ ପ୍ରଥମେ ଜିଲ୍ଲାପାଳ କାର୍ଯ୍ୟାଳୟ ବାହାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସାରିବା, ସାଥି ନେତା ଲିଙ୍ଗରାଜ ଆଜାଦ ଭଳି ଜଣେ ପରିବେଶ ବିତ ଓ ତାଙ୍କ କୋଡିଏ ଜଣ ସାଥୀ ଙ୍କୁ ମିଥ୍ୟା କେସରେ ଗିରଫ କରି ଜେଲ ପଠାଇବା ଘଟଣା ଅସାମ୍ବିଧାନିକ ଓ ବେଆଇନ କାର୍ଯ୍ୟ, ପୁଲିସ ଏଭଳି କାର୍ଯ୍ୟରୁ କ୍ଷାନ୍ତ ରହିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ସମିତି ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ମୃତ ୱାଚରଙ୍କ ସ୍ତ୍ରୀଙ୍କୁ ନିଯୁକ୍ତି, ସହାୟତା

**ସିନାପାଲି, ୮ ।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପଞ୍ଚାୟତସ୍ଥିତ କୂଳିଆପାଥର ଗ୍ରାମର ମହେଶ୍ୱର ନାଏକ ଜଙ୍ଗଲ ବିଭାଗର ୱାଚର ଭାବରେ କାର୍ଯ୍ୟରତ ଥିଲେ । କୁଇଲାଖଲା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ବନବିଭାଗ କର୍ମଚାରୀଙ୍କ ସହିତ ନିଆଁ ଲିଭାଇବା କାର୍ଯ୍ୟରେ ସାମିଲ ଥିଲେ । ହେଲେ ଅସାବଧାନତା ଯୋଗୁଁ ଦେହରେ ନିଆଁ ଲାଗି ଯାଇ ମୃତ୍ୟୁବରଣ କରିଥିଲେ । ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କ ନିର୍ଦ୍ଦେଶକ୍ରମେ ସିନାପାଲି ରେଞ୍ଜର କାମେଶ୍ୱର ତାଣ୍ଡି ମୃତକଙ୍କ ସ୍ତ୍ରୀଙ୍କୁ ବନ ବିଭାଗ ରେ ଫାୟାର ସ୍କ୍ୱାଡ ଭାବରେ ନିଯୁକ୍ତିପତ୍ର ପ୍ରଦାନ କରିବା ସହ ରେଡ୍‌କ୍ରସ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରାଶି ପ୍ରଦାନ କରଯାଇଛି । ନିଯୁକ୍ତି ପତ୍ରରେ ସରକାରୀ ନୀତି ନିୟମ ଓ ଅନୁଶାସନ ପାଳନ କରି ନିଜର କାର୍ଯ୍ୟ ସମ୍ପାଦନା କରିବା ପାଇଁ ନିଯୁକ୍ତି ପତ୍ରରେ ଦର୍ଶାଇଛନ୍ତି ।



ତାଙ୍କର ମହତ କାର୍ଯ୍ୟ ପାଇଁ ଉତ୍ତରାଧିକାରୀ ଭାବରେ ତାଙ୍କର ସ୍ତ୍ରୀ ପୁଷ୍ପାଞ୍ଜଳି ନାଏକଙ୍କୁ ୱାଚର ପଦବୀରେ ବନ ବିଭାଗ ନିଯୁକ୍ତି ଦେଇଛି । ଯାହା ଫଳରେ ୩ ଶିଶୁଙ୍କ ଭବିଷ୍ୟତ ପାଇଁ କାମରେ ଲାଗିବ ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି । ରେଡ୍‌କ୍ରସ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରାଶି ପ୍ରଦାନ କରଯାଇଛି ।

# ପୁରୁଣାପଡ଼ା ଶ୍ମଶାନ ସୁରକ୍ଷା ସମିତି ସଦସ୍ୟଙ୍କୁ ଦୁର୍ବ୍ୟବହାର

**ଭବାନୀପାଟଣା, ୮ ।୪ (ସମିସ):** ପୁରୁଣାପଡ଼ା ଶ୍ମଶାନ ସୁରକ୍ଷା ସମିତି ତରଫରୁ ଶ୍ମଶାନ ମଧ୍ୟରେ ଆଲୋକୀକରଣ ବ୍ୟବସ୍ଥା କରିବାକୁ ନେଇ ବୁଧବାର ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଆବେଦନପତ୍ର ପ୍ରଦାନ କରିଥିଲେ । ଆବେଦନରେ ଶ୍ମଶାନରେ ହାଇମାଷ୍ଟ ଲାଇଟ୍ ଲଗାଇବାର ବ୍ୟବସ୍ଥା କରିବାକୁ ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଦୁଖିଶ୍ୟାମ ପ୍ରଧାନ, ଲକ୍ଷ୍ମୀନାରାୟଣ ପଣ୍ଡା, ମାନସ ଜେନା, କମ୍ବୁପାଣି ପରିଛା, କାଳିପ୍ରସାଦ ଡାକୁଆ, ସୀତାକାନ୍ତ ପ୍ରଧାନ, ସନ୍ତୋଷ ପ୍ରଧାନ, ଗୋପାଳ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଗତ କିଛି ଦିନ ପୂର୍ବରୁ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କ ସହ ପୁରୁଣାପଡ଼ା ଶ୍ମଶାନରେ ହାଇମାଷ୍ଟ ଲାଇଟ୍ ଲଗାଇବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ଅଧିକାରୀ ଶ୍ରୀ ପାଢ଼ୀ ସମ୍ମତି ପ୍ରକାଶ କରିଥିଲେ ।ଏପରି ସିଧାସଳଖ ଦରଖାସ୍ତ ନ ଦେଇ ନିୟମ ଦୃଷ୍ଟିରୁ କାଉନ୍‌ସିଲରଙ୍କ ଜରିଆରେ ଦେବାକୁ କହିଥିଲେ । ପୂର୍ବରୁ ହାଇମାଷ୍ଟ ଲାଇଟ୍ ଅତି ସହଜରେ ଲାଗିବାର ବ୍ୟବସ୍ଥାକୁ ଅଧିକାରୀ ସ୍ୱୀକାର କରୁଥିଲା ବେଳେ ଆଜି ସେହି ବ୍ୟବସ୍ଥାକୁ ଅତି ଜଟିଳ ବୋଲି ପରୋକ୍ଷରେ ପ୍ରକାଶ କରିଥିଲେ । ତେବେ ଅଧିକାରୀଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଛି, ଏହା ନିଃସନ୍ଦେହ ଗତ ସୋମବାର ଦିନ ଅଧିକାରୀଙ୍କୁ ସମୟ ମାଗି ଆଜି ସକାଳ ୧୧ ଘଣ୍ଟା ସମୟରେ ଅଧିକାରୀଙ୍କୁ ଦରଖାସ୍ତ ପ୍ରଦାନ କରିବା ପାଇଁ ସମୟ ନିର୍ଦ୍ଧାରଣ କରିଥିଲେ ମଧ ଦରଖାସ୍ତ ଦେବାକୁ ଆସିଥିବା ପଡ଼ାବାସୀଙ୍କୁ ଫେସନ୍ କରନି କହି ଦୁର୍ବ୍ୟବହାର କରିଥିଲେ । ଏହା ପରେ ଅଧିକାରୀ ଶ୍ରୀ ପାଢ଼ୀ ଏପରି କହି ନାହିଁ କହି କଥାକୁ ଏଡାଇବାକୁ ଚେଷ୍ଟା କରିଥିଲେ । ଏହି ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି ଯେ ବୁଦ୍ଧିଜିବୀ ଫୋରମକୁ ଅଧିକାରୀ ଏପରି ଦୁର୍ବ୍ୟବହାର କରି ପାରୁଛନ୍ତି ତେବେ ସାଧାରଣ ବ୍ୟକ୍ତିଙ୍କୁ କିପରି ବ୍ୟବହାର ଦେଉଥିବେ ଏହା ସହଜରେ ଅନୁମେୟ । ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି ।




ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କର୍ମଚାରୀ ସଭା

# ବାୟୋମେଟ୍ରିକ ଉପସ୍ଥାପନାକୁ ଗୁରୁତ୍ୱ

**ନୂଆପଡ଼ା, ୮ ।୪(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କର୍ମଚାରୀ ସଭା (ଷ୍ଟାଫ୍ ମିଟିଂ) ଅନୁଷ୍ଠିତ ହୋଇଯାଇଛି । ସଭାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସୁବାଷଚନ୍ଦ୍ର ରଇତ ସମସ୍ତଙ୍କୁ ସ୍ୱାଗତ କରି ସଭାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ ।ସଭାରେ ଜିଲ୍ଲାପାଳ ସମସ୍ତ କର୍ମଚାରୀଙ୍କୁ ଠିକ ସମୟରେ କାର୍ଯ୍ୟାଳୟରେ ପହଞ୍ଚିବା ଓ ବାୟୋମେଟ୍ରିକ ଉପସ୍ଥାପନା ନିୟମିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନୁଶାସନ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ସମସ୍ତଙ୍କୁ ସମର୍ପିତ ଭାବରେ କାମ କରିବାକୁ ଆହ୍ୱାନ କରିଥିଲେ । ସମସ୍ତ କର୍ମଚାରୀଙ୍କ ପାଇଁ ହେଲମେଟ ପିନ୍ଧି କାର୍ଯ୍ୟାଳୟକୁ ଆସିବାକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ନିୟମ ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ସଚେତନ କରିଥିଲେ । ଇଣ୍ଡେକ୍ସ ରେଜିଷ୍ଟର, ଲଗ ବୁକ, କ୍ୟାଶ ବୁକ ଓ ସିଏଲ ରେଜିଷ୍ଟରକୁ ନିୟମିତ ଯାଞ୍ଚ ଓ ସଠିକ ଭାବେ ରକ୍ଷଣାବେକ୍ଷଣ କରିବା ସହ କାର୍ଯ୍ୟାଳୟର ସମସ୍ତ ରେକର୍ଡ ସୁଚାରୁ ଭାବେ ପରିଚାଳନା ପାଇଁ ଜୋର ଦେଇଥିଲେ । ସଭାରେ ଉପଜିଲ୍ଲାପାଳ ସୁର୍ମି ସୋରେନ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ ।

ରାଜସ୍ୱ ସମୀକ୍ଷା ବୈଠକ

# ମାର୍ଚ୍ଚ ସୁଦ୍ଧା ୩୩୩ ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ

**ନୂଆପଡ଼ା, ୮ ।୪(ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅବସରରେ ସିନାପାଲି ବ୍ଲକର ସୁବାସ ଚନ୍ଦ୍ର ଦୀପଙ୍କୁ ରାଜସ୍ୱ ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ବୈଠକ ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସୁବାସଚନ୍ଦ୍ର ରଇତ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ପରେ ବିଭିନ୍ନ ବିଭାଗର ରାଜସ୍ୱ ସଂଗ୍ରହ ଓ ପ୍ରଗତିର ସମୀକ୍ଷା କରାଯାଇଥିଲା । ସମୀକ୍ଷା ଅନୁସାରେ, ସିଟି. ଏବଂ ଜିଏସଟି ଏନଫୋର୍ସମେଣ୍ଟ ୟୁନିଟ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ନିର୍ଦ୍ଧାରିତ ୪୫୬ ଲକ୍ଷ ଟଙ୍କା ବାର୍ଷିକ ଲକ୍ଷ୍ୟ ବାବଦରେ ମାର୍ଚ୍ଚ-୨୦୨୬ ପର୍ଯ୍ୟନ୍ତ ୩୩୩ ଲକ୍ଷ ଟଙ୍କା ସଂଗ୍ରହ କରାଯାଇଛି । ମାର୍ଚ୍ଚ ମାସର ୩୮ ଲକ୍ଷ ଟଙ୍କା ଲକ୍ଷ୍ୟ ଥିଲାବେଳେ ୫୧ ଲକ୍ଷ ଟଙ୍କା ସଂଗ୍ରହ ହୋଇ ଲକ୍ଷ୍ୟ ଅତିକ୍ରମ କରାଯାଇଥିବା କୁହାଯାଇଛି । ଏହାସହ ଆରଟିଓ, ନୂଆପଡ଼ା ପକ୍ଷରୁ ୧୬.୫୦ କୋଟି ଟଙ୍କା ବାର୍ଷିକ ଲକ୍ଷ୍ୟ ଥିବାବେଳେ ମାର୍ଚ୍ଚ-୨୦୨୬ ପର୍ଯ୍ୟନ୍ତ ୧୫.୯୩ କୋଟି ଟଙ୍କା ସଂଗ୍ରହ ହୋଇଛି, ଯାହା ପୂର୍ବବର୍ଷ ତୁଳନାରେ ୧୩.୫୯ ପ୍ରତିଶତ ବୃଦ୍ଧି ଦର୍ଶାଉଛି ।। ରେଜିଷ୍ଟ୍ରେସନ ଓ ଷ୍ଟାମ୍ପ ଶୁଳ୍କ ସଂଗ୍ରହରେ ମଧ ସନ୍ତୋଷଜନକ ପ୍ରଗତି ଦେଖାଯାଇଥିବା ବେଳେ ମାସିକ ଓ ବାର୍ଷିକ ଲକ୍ଷ୍ୟ ବାବଦରେ ଉଲ୍ଲେଖନୀୟ ସଂଗ୍ରହ ହୋଇଥିବା ସମୀକ୍ଷାରେ ଉଲ୍ଲେଖ କରାଯାଇଥିଲା । ଜିଲ୍ଲାପାଳ ରାଜସ୍ୱ ସଂଗ୍ରହରେ ପଛରେ ପଡ଼ିଥିବା ବିଭାଗମାନଙ୍କୁ ଯଥୋଚିତ ରଣନୀତି ଗ୍ରହଣ କରି ଲକ୍ଷ୍ୟ ପୂରଣ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାସିକ ସମୀକ୍ଷାକୁ ଗୁରୁତ୍ୱ ଦେଇ ସଂଗ୍ରହ ବୃଦ୍ଧି ପାଇଁ ସମନ୍ୱୟ ଭାବେ କାର୍ଯ୍ୟ କରିବାକୁ କହିଥିଲେ ।ବୈଠକରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବନଖଣ୍ଡ ଅଧିକାରୀ(ବନ୍ୟପ୍ରାଣୀ) ସମୀର କୁମାର ସାହୁ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଡେପୁଟୀ ଜିଲ୍ଲାପାଳ ସୁଚିସ୍ମିତା ମହାନ୍ତି, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ନିଜ ନିଜ ବିଭାଗର ପ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ ।



ଲାଞ୍ଜିଗଡ଼ ଦ୍ୱାଦଶ ପଞ୍ଚାୟତ ସମିତି ବୈଠକ

# ବୈଠକ ବର୍ଜନ କଲା ସରପଞ୍ଚ ସଂଘ

**ଲାଞ୍ଜିଗଡ଼, ୮ ।୪(ସମିସ)**

ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ଦ୍ୱାଦଶ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ଲାଞ୍ଜିଗଡ଼ ଜୋନ-୨ ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, କଳାହାଣ୍ଡି ସାଂସଦ ପ୍ରତିନିଧି ନରେନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ । ତେବେ ବୈଠକ ଆରମ୍ଭରୁ ସରପଞ୍ଚମାନେ ବ୍ଲକରେ ହେଉଥିବା ଅନିୟମିତତା ଓ ସେମାନେ ଦେଉଥିବା ପ୍ରସ୍ତାବ ଉପରେ ବ୍ଲକ ପ୍ରସାଶନ ଗୁରୁତ୍ୱ ନ ଦେଇ ନିଜ ମନମୁତାବକ ବ୍ଲକର ସମସ୍ତ ଯୋଜନା ପ୍ରସ୍ତୁତ କରିବା ସହ ପଞ୍ଚାୟତ ପ୍ରତିନିଧିମାନଙ୍କ ସହମତି ଲୋଡୁ ନ ଥିବା ଅଭିଯୋଗ କରିବା ସହ ବୈଠକକୁ ବର୍ଜନ କରି ବାହାରି ଯାଇଥିଲେ । ଆଗାମୀ ଦିନରେ ବ୍ଲକ ପ୍ରସାଶନକୁ ବିରୋଧ କରିବା ସହ ଦରକାର ପଡ଼ିଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷେ ଜନପ୍ରତିନିଧିମାନେ ବୈଠକ ବର୍ଜନ ପରେ ମଧ ବ୍ଲକ ପ୍ରଶାସନ କିଛି ପଞ୍ଚାୟତ ସମିତି ସଭ୍ୟ ଓ ବିଭାଗୀୟ ଅଧିକାରୀମାନଙ୍କ ଗହଣରେ ଲାଞ୍ଜିଗଡ଼ ବିଧାୟକ ପ୍ରଦିପ କୁମାର ଦିଶାରୀ ପହଞ୍ଚିବା ପରେ ପୁନର୍ବାର ବୈଠକ ଅନୁଷ୍ଠିତ ହୋଇଥିଲା । ଲାଞ୍ଜିଗଡ଼ ବିଡିଓ ଶ୍ରୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କିରଣଚନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ ସହିତ ବିବରଣୀ ପାଠ କରିଥିଲେ । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଜୁଳି, କୃଷି, ବନ ବିଭାଗ, କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ମନରେଗା, ଗ୍ରାମ୍ୟ ଗୃହ ନିର୍ମାଣ ସମେତ ଅନ୍ୟାନ୍ୟ ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳରେ ବିଜୁଳି ସଂଯୋଗ ନଥିବାରୁ ତୁରନ୍ତ ପଦକ୍ଷେପ ନେବାପାଇଁ ବିଧାୟକ ଦାବି କରିଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ବିଭିନ୍ନ ସମସ୍ୟା ଦେଖାଦେଉଥିବା ଆଲୋଚନା କରାଯାଇଥିଲା । ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ ।



